# ଭୁବନରେ ମେଗା ରକ୍ତଦାନ ଶିବିର

ଭୁବନ,୧୮।୮(ଆପ୍ର): ସ୍ୱାଧୀନତା ଦିବସ ଅବସରରେ "ଇଣ୍ଡିଆନ ରେଡକ୍ରସ ସୋସାଇଟି" ଓଡିଶା ଶାଖା ଆନୁକୂଲ୍ୟରେ ଓ "ଜଗବନ୍ଧୁ ଜରାଶ୍ରମ" ସହଯୋଗରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ପ୍ରଦୀପ୍ତ କୁମାର ରାୟ ଶିବିରକୁ ଉଦଘାଟନ କରିଥିବା ବେଳେ ଏନଏସି ନିର୍ବାହୀ ଅଧିକାରୀ ଡଃ ତପସ୍ୱିନୀ ଗୁରୁ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହିତ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରେଡକ୍ରସ ସୋସାଇଟି ତରଫରୁ ଡାକ୍ତର ଶେଶାଂଷୁ ଶତପଥି, ଟେକ୍ନିକାଲ ଅଫିସର ପୃଥ୍ୱୀରାଜ ଉଦୟଭାନୁ, ଭାଗ୍ୟଧର ସାହୁ, ରମେଶ ଚନ୍ଦ୍ର ରାଉତ, ସଂଜୟ ପାତ୍ର ଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡା. ଶାନ୍ତିଲତା ଶର୍ମା, ଫାର୍ମାସିଷ୍ଟ ଦେବାଶିଷ ମିଶ୍ର, ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ ଶିବିର ପରିଚାଳନା କରିଥିଲେ। ଜରାଶ୍ରମ ସଂପାଦକ ତଥା ରେଡକ୍ରସ ସ୍ୱେଚ୍ଛାସେବୀ ଆଶୁତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ସମାଜସେବୀ ଶ୍ରୀଧର ବେହେରା, ସୁରେନ୍ଦ୍ର ପୃଷ୍ଟି, ନେହେରୁ ଯୁବକେନ୍ଦ୍ରର ପୂର୍ବତନ ସ୍ୱେଚ୍ଛାସେବୀ କମଳ ଲୋଚନ ମହାରଣା, ସ୍ୱେଚ୍ଛାସେବୀ ଜଗବନ୍ଧୁ ବିହାରୀ, ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




ମଙ୍ଗଳବାର, ୧୯ ଅଗଷ୍ଟ ୨୦୧୪

# ମେଗା ରକ୍ତଦାନ ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନ, ୧୭।୮(ଅନୁପମ ମିଡିଆ): ପବିତ୍ର ସ୍ୱାଧୀନତା ଦିବସ ଅବସରରେ ନ୍ତଇଣ୍ଡିଆନ ରେଡକ୍ରସ ସୋସାଇଟନ୍ତ ଓଡିଶା ଶାଖା ଆନୁକୂଲ୍ୟରେ ଓ ନ୍ତଜଗବନ୍ଧୁ ଜରାଶ୍ରମନ୍ତ ସହଯୋଗରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମେଡିକାଲ ଅଫିସର ପ୍ରଦୀପ୍ତ କୁମାର ରାୟ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଏନ.ଏ.ସି ନିର୍ବାହୀ ଅଧିକାରୀ ଡଃ ତପସ୍ୱିନୀ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ରକ୍ତଦାନ କରିଥିଲେ । ଏହି ଶିବିରରେ ମୋଟ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରେଡକ୍ରସ ସୋସାଇଟ ତରଫରୁ ଡାକ୍ତର ଶେଶାଂଷୁ ଶତପଥି , ଟେକ୍ନିକାଲ ଅଫିସର ପୃଥ୍ୱୀରାଜ ଉଦୟଭାନୁ, ଭାଗ୍ୟଧର ସାହୁ, ରମେଶ ଚନ୍ଦ୍ର ରାଉତ, ସଂଜୟ ପାତ୍ର ଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡା. ଶାନ୍ତିଲତା ଶର୍ମା, ଫାର୍ମାସିଷ୍ଟ ଦେବାଶିଷ ମିଶ୍ର , ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ ଶିବିର ପରିଚାଳନା କରିଥିଲେ । ଜରାଶ୍ରମ ସଂପାଦକ ତଥା ରେଡକ୍ରସ ସ୍ୱେଚ୍ଛାସେବୀ ଆଶୁତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ସମାଜସେବୀ ଶ୍ରୀଧର ବେହେରା, ସୁରେନ୍ଦ୍ର ପୃଷ୍ଟି, ନେହେରୁ ଯୁବକେନ୍ଦ୍ରର ପୂର୍ବତନ ସ୍ୱେଚ୍ଛାସେବୀ କମଳ ଲୋଚନ ମହାରଣା, ସ୍ୱେଚ୍ଛାସେବୀ ଜଗବନ୍ଧୁ ବିହାରୀ, ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ଅନୁପମ ଭାରତ, ସୋମବାର ୧୮ ଅଗଷ୍ଟ ୨୦୧୪, ଭୁବନେଶ୍ୱର

# ୬୧ ସ୍ୱେଚ୍ଛାସେବୀ ରକ୍ତ ଦେଲେ

ଭୁବନ, ୧୭।୮(ଡି.ଏନ.ଏ)- ଢେଙ୍କାନାଳ ଜିଲ୍ଲା ଭୁବନ ସରକାରୀ ଡାକ୍ତରଖାନା ପରିସରରେ ରେଡକ୍ରସ ପକ୍ଷରୁ ଶନିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬୧ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିବା ବେଳେ ଭୁବନ ଡାକ୍ତରଖାନାର ଡା. ପ୍ରଦୀପ୍ତ କୁମାର ରାୟ, ଶାନ୍ତିଲତା ଶର୍ମା, କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ. ତପସ୍ୱିନୀ ଗୁରୁ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର ରେଡକ୍ରସର ଶେଷଦେବ ଶତପଥୀ, ପୃଥ୍ୱୀରାଜ ଉଦୟଭାନୁ, ଆଶୁତୋଷ ମିଶ୍ର, କୃଷକ ସମାଜର ସମ୍ପାଦକ ଶ୍ରୀଧର ପୃଷ୍ଟିଙ୍କ ସମେତ ଡାକ୍ତରଖାନାର କର୍ମଚାରୀ ସହଯୋଗ କରିଥିଲେ ।

ଧରିତ୍ରୀ | ସୋମବାର, ୧୮ ଅଗଷ୍ଟ

## ରକ୍ତ ସଂଗ୍ରହ

ଭୁବନ, ୧୭।୮(ନି.ପ୍ର.): ସ୍ୱାଧୀନତା ଦିବସ ଅବସରରେ ରେଡକ୍ରସ୍ ତରଫରୁ ଭୁବନ ଡାକ୍ତରଖାନା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଡାକ୍ତର ପ୍ରଦୀପ ରାୟ ଶିବିରକୁ ଉଦ୍‌ଘାଟନ କରିଥିଲେ । ଡାକ୍ତର ଶେସାଂଶୁ ଶତପଥି, ପୃଥ୍ୱିରାଜ ଉଦୟଭାନୁ, ରମେଶଚନ୍ଦ୍ର ରାଉତ, ଭାଗ୍ୟଧର ସାହୁ, ସଞ୍ଜୟ ପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

୮ | ୧୮ ଅଗଷ୍ଟ ୨୦୧୪ | ସମାଜ The Samaja 94 YEARS OF EXCELLENCE 1919 - 2013

"ଭାରତୀୟ ରେଡକ୍ରସ୍ ସୋସାଇଟି (ଓଡ଼ିଶା ଶାଖା) ପକ୍ଷରୁ ଭୁବନରେ ୬୮ ତମ ସ୍ୱାଧୀନତା-ଅବସରରେ ରକ୍ତଦାନ ଶିବିର" ଏହି ଖବର ଅନ୍ୟାନ୍ୟ ୯/୧୦ ଟି ଦୈନିକ ଖବର କାଗଜରେ ପ୍ରକାଶିତ-ହୋଇଅଛି ।